# Meeting between External Affairs Minister and Foreign Minister of Portugal

October 14, 2020

## ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ପର୍ତ୍ତୁଗାଲ୍ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ବୈଠକ

**ଅକ୍ଟୋବର** 14, 2020

14 ଅକ୍ଟୋବର 2020 ରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ତାଙ୍କ ପର୍ତ୍ତୁଗୀଜ୍ ପ୍ରତିପକ୍ଷ ଶ୍ରୀ ଅଗଷ୍ଟୋ ସାଣ୍ଟୋସ୍ ସିଲଭାଙ୍କ ସହ ଏକ ଭର୍ଚୁଆଲ୍ ବୈଠକ କରିଛନ୍ତି। କୋଭିଡ-19 ମହାମାରୀ ସମୟରେ ଦୁଇ ଦେଶ ମଧ୍ୟରେ ବ୍ୟାପକ ସହଯୋଗ ଏବଂ କୋଭିଡ ପରବର୍ତ୍ତୀ ପରିସ୍ଥିତିରେ ସହଯୋଗର ସମ୍ଭାବନା ସମେତ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଉଭୟ ନେତା ବିସ୍ତୃତ ସମୀକ୍ଷା କରିଥିଲେ। ଗତ ଦୁଇ ବର୍ଷ ମଧ୍ୟରେ ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ବାରମ୍ବାର ଆବାଗମନ ତଥା ମତ ଆଦାନପ୍ରଦାନ ଦ୍ୱାରା ଊର୍ଦ୍ଧ୍ୱଗାମୀ ହୋଇଥିବା ଦ୍ୱିପାକ୍ଷିକ ସମ୍ପର୍କର ଦୁଇ ମନ୍ତ୍ରୀ ପ୍ରଶଂସା କରିଥିଲେ। ସେମାନେ ସହମତ ହୋଇଥିଲେ ଯେ ସମ୍ପର୍କର ଗତି ବିଶେଷ ଭାବରେ ସହଯୋଗର ନୂତନ କ୍ଷେତ୍ରରେ ସ୍ଥାନାନ୍ତରଣ ଏବଂ ଗତିଶୀଳତା ସହଭାଗୀତା, ପ୍ରତିରକ୍ଷା ସହଯୋଗ ଏବଂ ଅର୍ଥନୈତିକ ସମ୍ପର୍କର ଗଭୀରତା ବଜାୟ ରହିବ। ଉଭୟ ମନ୍ତ୍ରୀ ଭାରତ-ୟୁରୋପୀୟ ସଂଘ ସମ୍ପର୍କରେ ଚର୍ଚ୍ଚା କରିଥିଲେ ଏବଂ 2021 ରେ ପର୍ତ୍ତୁଗାଲ ସଭାପତିତ୍ୱ ସମୟରେ ପରବର୍ତ୍ତୀ ଭାରତ-ୟୁରୋପୀୟ ସଂଘ 27 ନେତାଙ୍କ ବୈଠକ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ସହମତ ହୋଇଥିଲେ। ଏହି ବୈଠକ ପାଇଁ ପର୍ତ୍ତୁଗାଲ ପ୍ରଧାନ ମନ୍ତ୍ରୀ ଆଣ୍ଟୋନିଓ କୋଷ୍ଟା ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରିଛନ୍ତି। ସଂସ୍କାରିତ ବହୁପକ୍ଷୀୟତା ପାଇଁ ଉଭୟ ପକ୍ଷ ସେମାନଙ୍କର ପ୍ରତିବଦ୍ଧତାକୁ ନିଶ୍ଚିତ କରିଥିଲେ ଏବଂ ଆଞ୍ଚଳିକ ଓ ବିଶ୍ୱ ସ୍ତରୀୟ ପ୍ରସଙ୍ଗରେ ବିଶେଷକରି 2021 ରୁ ଭାରତର ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଉପସ୍ଥିତି ସନ୍ଦର୍ଭରେ ଘନିଷ୍ଠ ସମ୍ପର୍କ ଏବଂ ସମନ୍ୱୟ ବଜାୟ ରଖିବାକୁ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**
**ଅକ୍ଟୋବର** 14, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.